# NATIONAL NEWS BULLETIN (ODIA)

## 27 May - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଆଉ ଚାରି ଦିନ ବାକି ରହିଲା ସପ୍ତମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ।

– ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ପ୍ରୟାସ ଜାରି ।

- ସମଗ୍ର ବିଶ୍ୱ ଭାରତରେ ବାଣିଜ୍ୟିକ କାରବାର ବୃଦ୍ଧି କରିବାକୁ ଆଗଭର ହେଉଛି, କହିଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।
- ଆୟୁଷ ହସ୍ପିଟାଲ୍ ଗୁଡ଼ିକରେ ରୋଗୀଙ୍କୁ ବୀମା ସୁବିଧା ପ୍ରଦାନ ଲକ୍ଷ୍ୟରେ ଆଜି ନୂଆଦିଲ୍ଲୀରେ ହେବ ବୈଠକ ।
- ସାମୁଦ୍ରିକ ଝଡ଼ ରେମାଲ ଗତ ରାତିରେ ସ୍ପର୍ଶ କଲା ସ୍ଥଳ ଭାଗ ।

– ପଶ୍ଚିମବଙ୍ଗର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଏନ୍.ଡି.ଆର୍.ଏଫ୍.ର ତ୍ୱରିତ ପଦକ୍ଷେପ ।

ଏବଂ

- ୨୦୨୪ ଆଇପିଏଲ୍ ଚାମ୍ପିୟନ୍ ହେଲା କୋଲକାତା ନାଇଟ୍ ରାଇଡର୍ସ୍ ।

**କ୍ୟାମ୍ପେନିଂ**

ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଗ୍ରହଣ ଆସନ୍ତା ମାସ ପହିଲାରେ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟ ପାଇଁ ନିର୍ବାଚନ ପ୍ରଚାର ଆଉ ୪ ଦିନ ବାକି ଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଜୋର୍‌ଦାର୍ କରିଛନ୍ତି । ଏହି ପର୍ଯ୍ୟାୟରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ଲାଗି ୯୦୪ ଜଣ ପ୍ରାର୍ଥୀ ସେମାନଙ୍କର ରାଜନୈତିକ ଭବିଷ୍ୟତ ପରୀକ୍ଷା କରୁଛନ୍ତି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଗତକାଲି ବିହାରର କେତୋଟି ନିର୍ବାଚନ ର୍‍ୟାଲିରେ ସମ୍ବୋଧନ କରିଥିଲେ । ଜେହାନାବାଦ ଠାରେ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରି ସେ କହିଥିଲେ, ଆର୍.ଜେ.ଡି. ଏବଂ କଂଗ୍ରେସ ମିଳିତ ଭାବେ ଦୁର୍ନୀତିରେ ସଂଶ୍ଳିଷ୍ଟ ଏବଂ ରାଜ୍ୟବାସୀଙ୍କ ପାଇଁ କୌଣସି ପ୍ରକାର କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେହିଭଳି ଆରାହା ଏବଂ ନାଳନ୍ଦା ସଂସଦୀୟ କ୍ଷେତ୍ର ଅଞ୍ଚଳରେ ଏନ୍.ଡି.ଏ. ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କୈମୁର୍ ଏବଂ ଦାଉଦନଗର ଠାରେ ଦୁଇଟି ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ସେ କହିଥିଲେ,  ଆନ୍ତରିକ ସୁରକ୍ଷା ଏବଂ ଅନ୍ୟାନ୍ୟ ଦେଶ ସହ ସମ୍ପର୍କକୁ ଅଧିକ ମଜବୁତ କରିବା ପାଇଁ କେନ୍ଦ୍ରରେ ଏକ ସ୍ଥିର ସରକାରର

ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏଭଳି ସରକାର ସମ୍ଭବ ବୋଲି ସେ କହିଛନ୍ତି ।

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କୈମୁର୍ ଜିଲ୍ଲା ଅନ୍ତର୍ଗତ ମୋହନିଆ ଠାରେ ଏକ ନିର୍ବାଚନୀ ର୍ୟାଲିରେ ସମ୍ବୋଧନ କରିଥିଲେ । କଂଗ୍ରେସ ସରକାର ଅମଳରେ ଦେଶରେ କାର୍ଯ୍ୟକାରି ହୋଇଥିବା କେତେକ କଲ୍ୟାଣ ମୂଳକ ଯୋଜନା ଉପରେ ସେ ଏହି ଅବସରରେ ଆଲୋକପାତ କରିଥିଲେ । ଶ୍ରୀ ଖଡ଼ଗେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପାଟନା ଠାରେ ଏକ ନିର୍ବାଚନୀ ର୍ୟାଲିରେ ଯୋଗ ଦେଇଥିଲେ ।

ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ ବକ୍ସର, ନାଳନ୍ଦା, କାରାକଟ ଏବଂ ପାଟଲିପୁତ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତୋଟି ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ । ଏହି ର୍ୟାଲି ଗୁଡ଼ିକରେ ବେରୋଜଗାରକୁ ମୁଖ୍ୟ ପ୍ରସଙ୍ଗ କରି ଏନ୍.ଡି.ଏ. ସରକାର ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ବିଶ୍ୱରେ ଭାରତର ସମ୍ମାନ ବୃଦ୍ଧି ପାଇଛି । ଭାରତର ବୈଦେଶିକ ନୀତିର ସଫଳତା

ଦେଶର ଆଭ୍ୟନ୍ତରଣ ନୀତିକୁ ପ୍ରଦର୍ଶିତ କରୁଛି । ଭାରତ ଆଜି ବିଶ୍ୱର ଦ୍ରୁତତମ ବିକଶିତ ଅର୍ଥନୀତିରେ ପରିଣତ ହୋଇଛି । ସମଗ୍ର ବିଶ୍ୱ ଭାରତରେ ସେମାନଙ୍କର ବାଣିଜ୍ୟିକ କାର୍ଯ୍ୟକ୍ରମ କରିବାକୁ ଆଗଭର ହୋଇଛନ୍ତି । ବାରାଣାସୀର ବନାରସ କ୍ଲବ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଭାରତରେ ବିଶ୍ୱର ସର୍ବାଧିକ ବିକାଶ ଦର ୭ ପ୍ରତିଶତ ରହିଛି । ଆଜି ଭାରତରେ ମିଳିତ ଉଦ୍ୟମରେ ଶିଳ୍ପାନୁଷ୍ଠାନ ଗଢ଼ିବାକୁ ଅନେକ ଦେଶ ଇଚ୍ଛା ପ୍ରକାଶ କରୁଛନ୍ତି । ଭାରତର ବାଣିଜ୍ୟ ରପ୍ତାନୀ କାର୍ଯ୍ୟରେ ଅଭିବୃଦ୍ଧି ପରିଲକ୍ଷିତ ହେଉଛି । ବିକାଶ ଦର ବଢ଼ିବା ସହିତ ମୁଦ୍ରାସ୍ଫିତିହାର ହ୍ରାସ ପାଇଛି । ଦେଶର ବୈଦେଶିକ ନୀତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଅତୀତରେ କୌଣସି ନିଷ୍ପତ୍ତି ନେବାରେ ସରକାର ଆତ୍ମ ବିଶ୍ୱାସ ପ୍ରଦର୍ଶନ କରୁ ନ ଥିଲେ । ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବୈଦେଶିକ ନୀତିରେ ଭାରତର ଆତ୍ମ ବିଶ୍ୱାସର ସହିତ ନିଷ୍ପତ୍ତି ନେଉଛି । ଅତୀତରେ ସରକାର ଅନ୍ୟ ଦେଶମାନଙ୍କ ସହିତ ସମ୍ପର୍କ ରଖିବାକୁ ଅନିଚ୍ଛା ପ୍ରକାଶ କରୁଥିବା ବେଳେ ଆଜି ଭାରତ ପଡ଼ୋଶୀ ଦେଶ ସମେତ ଆମେରିକା ଓ ରୁଷ ଭଳି ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ସହିତ ଉତ୍ତମ ସମ୍ପର୍କ ରକ୍ଷା କରିପାରିଛି ।

## ଆୟୁଷ ମନ୍ତ୍ରଣାଳୟ

ନୂଆଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ ଠାରେ ଆଜି ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ବିମା କମ୍ପାନୀ ଏବଂ ଆୟୁଷ ହସ୍ପିଟାଲ୍‌ଗୁଡ଼ିକର ମୁଖ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୁଲଭ ଦରରେ ସାଧାରଣ ଜନତାଙ୍କୁ ସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ବୈଠକର ଆୟୋଜନ କରାଯାଇଛି । ଆୟୁଷ ହସ୍ପିଟାଲ୍ ଗୁଡ଼ିକରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ବୀମା ସୁବିଧା ପ୍ରଦାନ କରିବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯିବ ବୋଲି ମନ୍ତ୍ରଣାଳୟ କହିଛି । ଏହାଦ୍ୱାରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ହସ୍ପିଟାଲ୍ ଗୁଡ଼ିକର ଅବଦାନ ବୃଦ୍ଧି ପାଇବ ବୋଲି ମନ୍ତ୍ରଣାଳୟ କହିଛି ।

## ଟେଲିକମ୍

ଆନ୍ତର୍ଜାତିକ ନକଲି ଟେଲିଫୋନ୍ କଲ୍‌କୁ ରୋକିବାପାଇଁ ସରକାର ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଦୂରସଞ୍ଚାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଏହି ନକଲି କଲ୍‌ଗୁଡ଼ିକ ସ୍ପୁଫିଙ୍ଗ୍ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଭାରତୀୟମାନଙ୍କ ପାଖକୁ ଆସୁଛି । ଭାରତୀୟ ମୋବାଇଲ୍ ନମ୍ବର ବ୍ୟବହାର କରି ଏଭଳି କଲ୍ ଆସୁଥିବାରୁ ଜନସାଧାରଣ ଠକେଇରେ ପଡୁଛନ୍ତି । ନିର୍ଦ୍ଦେଶନାମା ଅନୁଯାୟୀ,

ଟେଲିକମ୍ ବିଭାଗ ସହ ମିଳିତ ଭାବେ ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଏହି ନକଲି କଲ୍‌ଗୁଡ଼ିକୁ ଚିହ୍ନଟ କରିବା ସହ ଏହାକୁ ରୋକିବା ଲାଗି ପଦକ୍ଷେପ ନେବେ । ଏଥିପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ, ଭାରତୀୟ ଲ୍ୟାଣ୍ଡ୍ ଲାଇନ୍ ନମ୍ବର ଉପଯୋଗ କରି ଆସୁଥିବା ଏହି ନକଲି କଲ୍‌ଗୁଡ଼ିକୁ ପୂର୍ବରୁ ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ବନ୍ଦ କରିସାରିଛନ୍ତି ।

## ସାଇକ୍ଲୋନ୍

ସାମୁଦ୍ରିକ ଝଡ଼ ରେମାଲ ଗତକାଲି ରାତି ୧୦ଟା ୩୦ ମିନିଟ୍‌ରୁ ୧୨ଟା ୩୦ ମିନିଟ୍ ମଧ୍ୟରେ ସ୍ଥଳ ଭାଗ ଛୁଇଁଥିଲା । ପଶ୍ଚିମବଙ୍ଗର ଆଲିପୁର ଆଞ୍ଚଳିକ ସାମୁଦ୍ରିକ ବାତ୍ୟା ସତର୍କତା କେନ୍ଦ୍ର ପକ୍ଷରୁ ସୂଚନା ଅନୁଯାୟୀ, ଏହି ପ୍ରକ୍ରିୟା ପ୍ରାୟ ଦୁଇ ଘଣ୍ଟା ଧରି ଚାଲିବା ପରେ ବାତ୍ୟା ଉତ୍ତର-ଉତ୍ତର ପୂର୍ବ ଦିଗରେ ଗତିକରି  କ୍ରମଶଃ ଦୁର୍ବଳ ହୋଇପଡ଼ିଥିଲା । ରେମାଲ ପଶ୍ଚିମବଙ୍ଗର ସାଗର ଦ୍ୱୀପପୁଞ୍ଜ ଓ ବାଂଲାଦେଶର ଖେପୁପରା ମଧ୍ୟରେ ସ୍ଥଳଭାଗ ଛୁଇଁଲା ବେଳକୁ ଏହାର ଗତି ଘଣ୍ଟା ପ୍ରତି ୧୧୦ରୁ ୧୨୦ କିଲୋମିଟର ମଧ୍ୟରେ ଥିଲା । ଏହାର ପ୍ରଭାବରେ କୋଲକାତା ସମେତ ପଶ୍ଚିମବଙ୍ଗର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ଝଡ଼ ହେବାରୁ ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି । ଗତକାଲି ରାତିରେ ବର୍ଷାର ପରିମାଣ ଅଧିକ ହୋଇଥିବାରୁ ଅନେକଗୁଡ଼ିଏ

ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି । ଅଧିକାଂଶ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି । ଯୁଦ୍ଧକାଳୀନ ଭିତ୍ତିରେ କୋଲକାତା ମହାନଗର ନିଗମ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରୁ ଜଳ ନିଷ୍କାସନ କରାଯାଉଛି । ଏହି ବାତ୍ୟାରେ ବିବିବାଗାନ ଅଞ୍ଚଳରେ ଘର ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଛି । ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆଜି ଅପରାହ୍ଣ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଥିବାରୁ ସେଠାରେ ସତର୍କ ସୂଚନା ଜାରି କରାଯାଇଛି ।

## ଏନ୍‌ଡିଆର୍‌ଏଫ୍ ଟିମ୍

ପଶ୍ଚିମବଙ୍ଗର ରେମାଲ ସାମୁଦ୍ରିକ ଝଡ଼ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ଇଥାନ କାର୍ଯ୍ୟରେ ସହାୟତା କରିବା ପାଇଁ ଏନ୍.ଡି.ଆର୍.ଏଫ୍.ର ୧୪ଟି ଦଳ ମୁତୟନ ହୋଇଛନ୍ତି । ଏହାଛଡ଼ା ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ଉଦ୍ଧାରକାରୀ ଦଳ ଗୁଡ଼ିକ ମଧ୍ୟ ପ୍ରସ୍ତୁତ ରଖାଯାଇଛି । ଏନ୍.ଡି.ଆର୍.ଏଫ୍. ପକ୍ଷରୁ କୁହାଯାଇଛି, ଉଦ୍ଧାର ଓ ଥଇଥାନ କାର୍ଯ୍ୟରେ ରାଜ୍ୟ ସରକାରଙ୍କ ସହିତ ସମନ୍ୱୟ ରଖାଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

## ହିଟ୍‌ୱେଭ୍

ଦେଶର ଅଧିକାଂଶ ଅଞ୍ଚଳରେ ଗ୍ରୀଷ୍ମ ଲହରି ଜାରି ରହିଥିବାରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଭିନ୍ନ ସଂସ୍ଥା ଓ ବିଭାଗ ଗୁଡ଼ିକୁ ସେମାନଙ୍କ କାର୍ଯ୍ୟ ସ୍ଥଳୀରେ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ନିରାପତ୍ତା ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛି । ସାମାଜିକ ଗଣମାଧ୍ୟ ପୋଷ୍ଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ମଧ୍ୟାହ୍ନରେ ଅଧିକ ତାପମାତ୍ରା ଯୋଗୁଁ କାର୍ଯ୍ୟାଳୟ ବାହାରେ କାର୍ଯ୍ୟ ନ କରିବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଛି । ଇତିମଧ୍ୟରେ ଭାରତୀୟ ପାଣିପାଗ ବିଭାଗ ଗତକାଲି ଉତ୍ତର ଭାରତର ଅଧିକାଂଶ ରାଜ୍ୟ ପାଇଁ ସତର୍କ ସୂଚନା ଜାରି କରିଛି । ଆଜି ଦିଲ୍ଲୀରେ ତାପମାତ୍ରା ୪୩ରୁ ୪୭ ଡିଗ୍ରୀ ମଧ୍ୟରେ ରହିବା ନେଇ ବିଭାଗ ପୂର୍ବାନୁମାନ କରିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ ପବ୍ଲିକ୍ ସ୍ପିକ୍ ଆଜି ରାତି ସାଢ଼େ ୯ଟାରେ ସିଧାସଳଖ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମର ଶୀର୍ଷକ ରହିଛି "ବର୍ଷାଜଳ ସଂରକ୍ଷଣ" । ଏଥିରେ ଜାତୀୟ ଗଙ୍ଗା ସଫେଇ ମିଶନ୍‌ର ପୂର୍ବତନ ମହାନିର୍ଦ୍ଦେଶକ ଜି. ଅଶୋକ କୁମାର ଏବଂ ଜାତୀୟ ଜଳ ମିଶନ୍‌ର ମିଶନ ନିର୍ଦ୍ଦେଶକ ଅର୍ଚ୍ଚନା ବର୍ମା ବିଶେଷଜ୍ଞ ଭାବେ ଯୋଗଦେବେ । ଏହି

କାର୍ଯ୍ୟକ୍ରମରେ ଶ୍ରୋତା ଟେଲିଫୋନ୍ ମାଧ୍ୟମରେ ସିଧାସଳଖ ବିଶେଷଜ୍ଞମାନଙ୍କୁ ସେମାନଙ୍କର ପ୍ରଶ୍ନ ପଚାରିପାରିବେ । ଟେଲିଫୋନ୍ ନମ୍ବରଗୁଡ଼ିକ ହେଉଛି ୦୧୧-୨୩୪୨୧୦୫୦ ଏବଂ ୦୧୧-୨୩୩୧୪୪୪୪ । ହ୍ୱାଟ୍‌ସ୍‌ଅପ୍ ନମ୍ବର ୯୨୮୯୦୯୪୦୪୪ ମାଧ୍ୟମରେ ମଧ୍ୟ ମେସେଜ୍ କରିପାରିବେ । ଆକାଶବାଣୀ ଗୋଲ୍‌ଡ୍ ଚ୍ୟାନେଲ୍ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ । ସେହିପରି NEWS ON AIR DOT GOV DOT IN ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ NEWS ON AIR OFFICIALରେ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ ।

## ଆଇପିଏଲ୍

କୋଲକାତା ନାଇଟ୍ ରାଇଡର୍ସ୍ ୨୦୨୪ ଆଇପିଏଲ୍ ଚାମ୍ପିୟନ୍ ହୋଇଛି । ଗତକାଲି ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଫାଇନାଲ୍ ମୁକାବିଲାରେ କୋଲକାତା ଦଳ ସନ୍‌ରାଇଜର୍ସ୍ ହାଇଦ୍ରାବଦ୍‌କୁ ୮ ୱିକେଟ୍‌ରେ ହରାଇ ଚାମ୍ପିୟନ୍ ହୋଇଛି । ହାଇଦ୍ରାବାଦ୍ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ଦଳ ୧୮ ଓଭର ୩ଟି ବଲ୍ ଖେଳି ମାତ୍ର ୧୧୩ରନ୍ ସଂଗ୍ରହ କରିପାରିଥିଲା । ଦଳ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ ସର୍ବାଧିକ ୨୪ ରନ୍ କରିଥିଲେ । କୋଲକାତାର ଆଣ୍ଡ୍ରେ ରସେଲ୍ ତିନୋଟି ୱିକେଟ୍ ନେଇଥିଲେ । ୧୧୪ରନ୍‌ର ବିଜୟଲକ୍ଷ୍ୟକୁ କୋଲକାତା

ଦଳ ୨ଓ୍ୱିକେଟ୍ ହରାଇ ମାତ୍ର ୧୦ ଓଭର ୩ଟି ବଲ୍‌ରେ ହାସଲ କରିନେଇଥିଲା । ଦଳ ପକ୍ଷରୁ ଭେଙ୍କଟେସ୍ ଆୟାର୍ ଅପରାଜିତ ୫୨ରନ୍ ସଂଗ୍ରହ କରିଥିଲେ । ଏହି ମ୍ୟାଚ୍‌ରେ ମିଚେଲ୍ ଷ୍ଟାର୍କ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ ।

## ବ୍ୟାଡ୍‌ମିଣ୍ଟନ୍

ମ୍ୟାଲେସିଆରେ ଅନୁଷ୍ଠିତ ମାଷ୍ଟର୍ସ୍ ସୁପର୍ ଫାଇଭ୍ ହଣ୍ଡ୍ରେଡ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର ପି.ଭି. ସିନ୍ଧୁ ରନର୍ସ୍ ଅପ୍ ହୋଇଛନ୍ତି । ଗତକାଲି ମହିଳା ଏକକ ଫାଇନାଲ୍‌ରେ ସିନ୍ଧୁ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ତଥା ବିଶ୍ୱର ୭ ନମ୍ବର ମାନ୍ୟତା ପ୍ରାପ୍ତ ଖେଳାଳି ଚୀନ୍‌ର ଓ୍ୱାଙ୍ଗ୍ ଝି ଇ ଙ୍କ ନିକଟରୁ ପରାସ୍ତ ହୋଇଛନ୍ତି ।